# Akashvani, Sambalpur

## SAMBALPURI NEWS EVENING BULLETIN

## 1 January 2026 - 7.02 pm- 7.12 pm.

**********************************************

୧- କୃତ୍ରିମ ବୁଦ୍ଧିମତା ଦେଶର ସକାରାତ୍ମକ ପରିବର୍ତନ୍ ଦିଗେ ଗୁଟେ ବଡ଼୍ ସୁଯୋଗ୍ ଆଏ କହେଲେ ରାଷ୍ଟ୍ରପତି ।

- ରାଇରଙ୍ଗପୁର୍ ଇଗ୍ନୋ ଆଂଚଲିକ୍ ଦକ୍ଷତା କେନ୍ଦ୍ରର୍ କଲେ ଶୁଭାରମ୍ଭ ।

୨- ଶାସନ୍ ଆଉ ପ୍ରଶାସନ୍‌କେ କ୍ରୀୟାଶୀଳ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ୧୫ ସୂତ୍ରୀ ନିର୍ଦ୍ଦେଶାବଳୀ ଦେଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ଆଏବା ମାର୍ଚ୍ଚ ମାସ୍‌ତକ୍ ଚାଲ୍‌ବା ଧାନ୍ ଘିନା ।

ଆଉର୍

୪- ରାଏଜେ ଉସତ୍ ଉସ୍‌ନାକି ଥି ପାଲନ୍ କରାଯାଉଛେ ଇଂରାଜୀ ନୂଆଁ ବଛର୍ ୨୦୨୬ ।

- ଦିନ୍‌ସାରା ମନ୍ଦିର୍ ମାନ୍‌କେ ଲାଗିଛେ ଶ୍ରଦ୍ଧାଳୁଙ୍କର୍ ଭିଡ୍ ।

ରାଷ୍ଟ୍ରପତି -କୃତ୍ରିମ ବୁଦ୍ଧିମତା ଦକ୍ଷତା        ଏନ୍ଏସ୍ଡି

କୃତ୍ରିମ ବୁଦ୍ଧିମତା ଖାଲି ଗୁଟେ ପ୍ରଯୁକ୍ତିବିଦ୍ୟା ନୁହେଁ, ଦେଶର ସକାରାତ୍ମକ ପରିବର୍ତନ୍ ଦିଗେ ଗୁଟେ ବଡ଼ ସୁଯୋଗ୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ରାଷ୍ଟ୍ରପତି ଭବନ୍ ନ ଆଏଜ୍ 'କୃତ୍ରିମ ବୁଦ୍ଧିମତା ଦକ୍ଷତା' ଶୀର୍ଷକ ଗୁଟେ କାର୍ଯ୍ୟକ୍ରମଥି ଉଦ୍‌ବୋଧନ୍ ଦେଇକରି ରାଷ୍ଟ୍ରପତି କହିଛନ୍, ଦେଶର୍ ବହୁତ୍ କ୍ଷେତ୍ରଥି କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ବଢ୍‌ବାର୍‌ଥି ଲାଗିଛେ । ଇ ଉପ୍‌ରେ ଶିକ୍ଷା ଗ୍ରହଣ କର୍‌ବାର୍‌କେ ରାଷ୍ଟ୍ରପତି ଜୋର୍ ଦେଇଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ରାଇରଙ୍ଗପୁରଠାନେ ଇଗ୍ନୋ ଆଂଚଲିକ ଆଉ ଦକ୍ଷତା କେନ୍ଦ୍ରର ଶୁଭାରମ୍ଭ କରିଛନ୍ । ଗୁଣବତା ସମ୍ପନ୍ନ ଶିକ୍ଷା ଲାଗି ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ବଲି ରାଷ୍ଟ୍ରପତି କହିଛନ୍....

(ଭଏସ୍-ରାଷ୍ଟ୍ରପତି)

କାର୍ଯ୍ୟକ୍ରମଥି ରାଷ୍ଟ୍ରପତି 'ସ୍କିଲ୍ ଦ ନେସନ୍ ଏଆଇ ଚେଲେଞ୍ଜ' ଶୀର୍ଷକଥି ଛାତ୍ରଛାତ୍ରୀ ଆଉ ସାଂସଦ୍‌ମାନ୍‌କର ଲାଗି ଗୁଟେ ଜାତୀୟ ସଚେତନତା ଅଭିଯାନର ଶୁଭାରମ୍ଭ କରିଛନ୍ ।

ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶନାମା        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ନ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଉ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର୍ ଅଧିକାରୀମାନ୍‌କର ସଙ୍ଗେ ଚଲିତ୍ ବଛ୍‌ରର୍ ଆଭିମୁଖ୍ୟ ଆଉ କାର୍ଯ୍ୟକ୍ରମ ବାବ୍‌ଦେ ଆଏଜ୍ ଆଲୋଚନା କରିଛନ୍ । ଶାସନ-ପ୍ରଶାସନ୍‌କେ କ୍ରିୟାଶୀଲ୍ କର୍‌ବାର୍ ଲାଗି ଶ୍ରୀ ମାଝୀ ମୁଖ୍ୟ ଶାସନ ସଚିବଙ୍କୁ ୧୫ ସୂତ୍ରୀ ନିର୍ଦ୍ଦେଶାବଲି ଦେଇଛନ୍ । ୨୦୩୬ ମସିହା ତକ୍ ଓଡ଼ିଶାର୍ ଅର୍ଥନୀତି ୫ ଶହ ବିଲିୟନ୍ ଡଲାର୍‌କେ ପୁହୁଁଚାବାର୍ ଲକ୍ଷ୍ୟ ହାସଲ୍ କର୍‌ବାର ଲାଗି ଅଗ୍ରାଧିକାର ଭିତିଥି କାମ୍ କର୍‌ବାର୍ ସହେତେ ଓଡ଼ିଶାକେ ଶ୍ରେଷ୍ଠ ୫ଟା ବିକଶିତ୍ ରାଜ୍ୟ ଭିତ୍‌ରେ ରଖ୍‌ବାର୍ ଉପ୍‌ରେ ମୁଖ୍ୟମନ୍ତ୍ରୀ ଜୋର୍ ଦେଇଛନ୍ ।

ଜ୍ଞାନ ପରିଚାଲିତ୍ ଶିଳ୍ପ ଆଉ ସେବା କ୍ଷେତ୍ରକେ ପ୍ରାଥମିକତା ଦେଇକରି ତୁର୍‌ତି ଶିଳ୍ପାୟନ୍‌କେ ନଜର୍‌ଥି ରଖିକରି ଭିନ୍ ଭିନ୍ ପ୍ରକ୍ରିୟା ତୁର୍‌ତି କର୍‌ବାର୍ ଲାଗି ଜିଲ୍ଲାପାଳମାନ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛେ । ପ୍ରକଳ୍ପମାନ୍‌କର ନିୟମିତ୍ ସମୀକ୍ଷା ଆଉ ସଫଲ୍ ରୂପାୟନ୍, ଗବେଷଣା, ଖାଲିଥିବା ପଦ୍‌ବୀ ଆଏବା ୨ ବଛର୍ ଭିତ୍‌ରେ ପୂରଣ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍ ସହେତେ ଦୁର୍ନୀତିଗ୍ରସ୍ତଙ୍କର ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନିର୍ଦ୍ଦେଶନାମାଥି କୁହାଯାଇଛେ ।

ତମାଖୁ ଦରବ-ସେସ୍ ଲାଗୁ ଏନ୍‌ଏସ୍‌ଡି

କେନ୍ଦ୍ର ସର୍କାର୍ ଆଏବା ମାସର୍ ୧ ତାରିଖ୍‌ନୁ ତମାଖୁ ଦରବ୍ ଉପ୍‌ରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଆଉ ପାନ୍ ମସ୍‌ଲା ଉପ୍‌ରେ ନୂଆଁ ସେସ୍ ଲାଗୁ କର୍‌ବେ । ଧାରିଜ୍ ଜିଏସ୍‌ଟି ଦର୍ ଉପ୍‌ରେ ଇ ଅତିରିକ୍ତ ଶୁଳ୍କ କାର୍ଯ୍ୟକାରୀ କରାଯିବା । ପାନ୍‌ମସ୍‌ଲା, ସିଗ୍‌ରେଟ୍, ତମାଖୁ ଆଉ ଇ ରକ୍‌ମର୍ ଦରବ୍ ଉପ୍‌ରେ ୪୦ ପ୍ରତିଶତ୍ ଜିଏସ୍‌ଟି ଆଉ ବିଡ଼ି ଉପ୍‌ରେ ୧୮ ପ୍ରତିଶତ୍ ଜିଏସ୍‌ଟି ଲାଗୁ ହେବା । ଇତାର୍‌ଛଡ଼ା ପାନ୍ ମସ୍‌ଲା, ତମାଖୁ ଦରବ୍ ଉପ୍‌ରେ ସ୍ୱାସ୍ଥ୍ୟ ଆଉ ଜାତୀୟ ସୁରକ୍ଷା ସେସ୍ ଭିଲ୍ ଲାଗୁ କରାଯିବା । ଗଲାମାସେ ସଂସଦ୍ ନ ନୂଆଁ ସ୍ୱାସ୍ଥ୍ୟ ଆଉ ଜାତୀୟ ସୁରକ୍ଷା ସେସ୍ ଲାଗୁ ବାବଦ୍ ବିଧେୟକ୍ ପାରିତ୍ ହେଇଥିଲା ।

ଡିଆର୍‌ଡିଓ ଥାପ୍‌ନା ଦିବସ ଏନ୍‌ଏସ୍‌ଡି

ଭାରତୀୟ ପ୍ରତିରକ୍ଷା ଗବେଷଣା ଆଉ ବିକାଶ ସଙ୍ଗଠନ୍-ଡିଆର୍‌ଡିଓ ଆଏଜ୍ ତାର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ୧୯୫୮ ମସିହା ବେଲ୍‌କେ ଭାରତୀୟ ବାୟୁସେନାର୍ ପ୍ରଯୁକ୍ତି ବିଦ୍ୟା ବିକାଶ ପ୍ରତିଷ୍ଠାନ୍ ଆଉ ପ୍ରଯୁକ୍ତିବିଦ୍ୟା ବିକାଶ ଆଉ ଉତ୍ପାଦନ୍ ନିର୍ଦ୍ଦେଶାଳୟ ଆଉ ପ୍ରତିରକ୍ଷା ବିଜ୍ଞାନ ପ୍ରତିଷ୍ଠାନ୍‌କେ ମିଶେଇକରି ଡିଆର୍‌ଡିଓର୍ ଗଠନ୍ କରାଯାଇଥିଲା । ଇ ଅବ୍‌ସରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ

ସିଂହ ବୈଜ୍ଞାନକ ଆଉ ଡିଆର୍‌ଡିଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜନେଇକରି ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ନିର୍ମାଣ ଆଉ ଭବିଷ୍ୟତ୍ ଲାଗି ପ୍ରଯୁକ୍ତି ବିଦ୍ୟାକେ ଠିକ୍ ବାଟେ ବେଭାର୍ କର୍‌ବାର୍ ଦିଗେ ଡିଆର୍‌ଡିଓ ତୟାର୍ ରହିଛେ ବଲି କହିଛନ୍ ।

ନଗର ଉନ୍ନୟନ୍ ମନ୍ତ୍ରୀ-ସମୀକ୍ଷା I&PR

ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ବିଭାଗ୍‌ର କାର୍ଯ୍ୟକ୍ରମ୍ ମାନ୍‌କର୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ଆଏଜ୍ ଭୁବ୍‌ନେଶ୍ୱର୍ ନ ହେଇଯାଇଛେ । ବୈଠକ୍‌ଥି ରାଜ୍ୟର୍ ନଗର୍ ଉନ୍ନୟନ୍‌କେ ଆହୁରି ତୁର୍‌ତି କର୍‌ବାର୍ ସହେତେ ନାଗରିକ୍‌ମାନ୍‌କର୍ ଲାଗି ଉନ୍ନତ୍ ସୁବିଧା ଯୁଗେଇ ଦେବାର୍ ଉପ୍‌ରେ ଜୋର୍ ଦିଆଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନା, ସହଯୋଗ୍ ଯୋଜ୍‌ନା ସହେତେ ଅଲ୍‌ଗା ପ୍ରମୁଖ୍ କାର୍ଯ୍ୟକ୍ରମ୍ ମାନ୍‌କର୍ ସଫଲ୍ ରୂପାୟନ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତାର୍‌ସହେତେ ରାଜ୍ୟର୍ ସବୁ ସହରର୍ ରାସ୍ତାମାନ୍‌କୁ ଗାଡ଼୍‌ଖାଲ୍ ମୁକ୍ତ କର୍‌ବାର୍ ଲକ୍ଷ୍ୟ ହାସଲ୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ।

ବିଏସ୍‌ଏନ୍‌ଏଲ୍ ଆର୍‌ଏନ୍‌ୟୁ/ କଟକ୍

ଭାରତ ସଂଚାର୍ ନିଗମ୍ ଲିମିଟେଡ୍- ବିଏସ୍ଏନ୍ଏଲ୍ ଆଏଜ୍ଠାନୁ ସାରା ଦେଶେ ଭଏସ୍ ଓଭର୍ -ୱାଇଫାଇ ସେବା ମୁଲ୍ କର୍ବାର୍କେ ଘୋଷ୍ନା କରିଛେ । ଯୋଗାଯୋଗ୍ ମନ୍ତ୍ରଣାଲୟର୍ ସୂଚ୍ନା ଅନ୍ସାରେ ଦେଶର୍ ଫି’ ଟେଲିକମ୍ ସର୍କଲ୍ ନ ବିଏସ୍ଏନ୍ଏଲ୍ ଗ୍ରାହକ୍ମାନ୍କର୍ ଲାଗି ଇ ସେବା ମିଲିପାର୍ବା । ୱାଇଫାଇ ନେଟ୍ୱାର୍କ ଜରିଏ ଗ୍ରାହକ୍ମାନ୍କୁ ଭଏସ୍ କଲ୍ ଆଉ ମେସେଜ୍ କର୍ବାର୍ ସୁବିଧା ମିଲିପାର୍ବା ।

ଖାଦ୍ୟ ଯୋଗାଣ ମନ୍ତ୍ରୀ- ଧାନ୍ ଘିନା ଏକ୍ସ

ରାଏଜେ ଆଏବା ମାର୍ଚ୍ଚ ମାସ୍ ତକ୍ ମଣ୍ଡିମାନ୍କେ ଧାନ୍ ଘିନା ପ୍ରକ୍ରିୟା ଚାଲ୍ବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଭୁବନେଶ୍ୱର ନ ଖରିଫ୍ ଧାନ୍ ଘିନା ଆଉ ଇ-କେୱାଇସି ବାବ୍ଦେ ସୂଚ୍ନା ଦେଇକରି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ରାଏଜେ ଏବ୍ତକ୍ ୨ ଲାଖ୍ ୩୦ ହଜାର୍ ଚାଷୀ ଧାନ୍ ବିକିଛନ୍ ଆଉ ୧୦ ଲାଖ୍ ୫୦ ହଜାର୍ ମେଟ୍ରିକ୍ ଟନ୍ ଧାନ୍ ଘିନାହେଇଛେ ବଲି ଶ୍ରୀ ପାତ୍ର କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, କେନ୍ଦ୍ର ସର୍କାର୍ ରାଜ୍ୟନୁ ୬ ଲାଖ୍ ମେଟ୍ରିକ୍ ଟନ୍ ଚାଉଲ୍ ଉଠାବେ । ସେଥିର୍‌ଭିତ୍‌ରୁ ୫ ଲାଖ୍ ମେଟ୍ରିକ୍ ଟନ୍ ଉସ୍‌ନା ଆଉ ଲାଖେ ମେଟ୍ରିକ୍‌ଟନ୍ ଅରୁଆ ଚାଉଲ୍ ଉଠାବେ । ଇହାଦେ ରାଏଜେ ୭ ଲାଖ୍ ମେଟ୍ରିକ୍ ଟନ୍ ଚାଉଲ୍ ମହଜୁଦ୍ ଅଛେ । ବାକି ଚାଉଲ୍‌କେ ନିଲାମ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଆଇଆଇଏମ୍‌ସି-ପିଏଚ୍‌ଡି ପାଠ୍ୟକ୍ରମ୍ ପି.ଆଇ.ବି.

ଭାରତୀୟ ଜନସଂଚାର୍ ସଂସ୍ଥାନ୍ - ଆଇଆଇଏମ୍‌ସି ଢେଙ୍କାନାଲ୍ ଶାଖା ତର୍‌ଫୁ ପିଏଚ୍‌ଡି ପାଠ୍ୟକ୍ରମ୍ ର ଶୁଭାରମ୍ଭ୍ କରାଯାଇଛେ । ଗଣମାଧ୍ୟମ୍‌ଥି ପିଏଚ୍‌ଡି ପାଠ୍ୟକ୍ରମ୍‌କେ ଆଇଆଇଏମ୍‌ସି ନୂଆଦିଲ୍ଲୀ , ଢେଙ୍କାନାଲ୍ ଆଉ ଅଲ୍‌ଗା ଶାଖା ନ ଭିଲ୍ ଏକାସାଙ୍ଗେ ମୁଲ୍ କରାଯାଇଛେ । ଆଇଆଇଏମ୍‌ସି କୁଳପତି ଡକ୍ଟର୍ ପ୍ରଜ୍ଞା ପାଲିୱାଲ୍ ଗୌର୍ ଆଭାସୀ ଜରିଏ ଇତାର୍ ଶୁଭାରମ୍ଭ କରିଛନ୍ । ଇ ପଦକ୍ଷେପ୍ ଗଣମାଧ୍ୟମ୍ ଆଉ ଯୋଗାଯୋଗ୍ ପାଠ୍ୟକ୍ରମ୍‌ଥି ଉନ୍ନତ ବିବିଧ ବିଷୟଥି ଗବେଷଣା କ୍ଷେତ୍ରକେ ଆହୁରି ବର୍‌କସ୍ କର୍‌ବା ବଲି ଆଶ୍ କରାଯାଉଛେ ।

ନୂଆଁ ବଛର୍ ଅଭିନନ୍ଦନ ଆର୍‌ଏନ୍‌ୟୁ / ସମ୍ବଲପୁର୍/ ପୁରୀ

ସାରା ରାଏଜେ ଆଏଜ୍ ଇଂରାଜୀ ନୂଆଁ ବଛର୍ ୨୦୨୬ ବହୁତ୍ ଉସ୍ନାକିଥି ପାଲନ କରାଯାଉଛେ । ଇ ଅବସ୍‌ରେ ଗଲା ଅଧାରାତି ନୁ ନୂଆଁ ବଛର୍‌କେ ସ୍ୱାଗତ୍ ଜନେଇ କରି ଭିନ୍ ଭିନ୍ ଅନୁଷ୍ଠାନ, ସଂଗଠନ, ବ୍ୟକ୍ତିବିଶେଷଙ୍କର ତରଫୁ କାର୍ଯ୍ୟକ୍ରମ ମାନ୍ ଆୟୋଜନ୍ କରାଯାଇଛେ । ଆଏଜ୍ ଭୋର୍‌ନୁ ଲୁକେ ଭିନ୍ ଭିନ୍ ଦେବାଦେବୀଙ୍କର ମନ୍ଦିର ଯାଇ କରି ସେନ ପୂଜାର୍ଚ୍ଚନା କରୁଛନ୍ ।

ଇଂରାଜୀ ନୂଆବଛର୍ ଅବ୍‌ସରେ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ପୁରୀ ଶ୍ରୀମନ୍ଦିର୍ ନ ଗଲାକାଏଲ୍‌ଠାନୁ ଶ୍ରଦ୍ଧାଲୁଙ୍କର୍ ଭିଡ଼୍ ଲାଗି ରହିଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜବର୍ ତୟାରି କରାଯାଇଛେ । ନୂଆବଛର୍ ଲାଗି ଗଲା ରାତି ୧୧ ବଜେନୁ ମାହାପୁରୁମାନ୍‌କର୍ ପହୁଡ଼୍ ନୀତି କରାଯାଇଥିଲା । ୧ ବାଜିକରି ୪୫ ମିନିଟ୍‌ଥି ଦ୍ୱାରଫିଟା ନୀତି କରାଯାଇକରି ସର୍ବସାଧାରଣ୍ ଦର୍ଶନ୍ ମୁଲ୍ ହେଇଥିଲା । ସେଆଡ଼େ ଶୃଙ୍ଖଳିତ୍ ଭାବେ ଭକ୍ତମାନେ ମାହାପୁରୁମାନ୍‌କର୍ ଦର୍ଶନ୍ କରିଥିବାର୍ ବେଲେ ସମୁଦ୍ର ଖଁଡ଼ି ନ ଆଏଜ୍ ସଖାଲୁ ସୂର୍ଯ୍ୟଉଦୟ ଦେଖିବାର୍ ଲାଗି ଜବର୍ ଭିଡ଼୍ ଜମିଥିଲା । ଶୃଙ୍ଖଳିତ୍ ଦର୍ଶନ୍ ଆର୍ ଭିଡ଼୍‌କେ ନିୟନ୍ତ୍ରଣ୍ କର୍‌ବାର୍ ଲାଗି ବ୍ୟାପକ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ନୂଆବଛର୍-ଜିଲ୍ଲା          ସମ୍ବଲପୁର/ସୁବର୍ଣ୍ଣପୁର୍ ସମ୍ବାଦଦାତା

ଇଂରାଜୀ ନୂଆବଛର୍ ଅବ୍‌ସରେ ମା ସମଲେଇଙ୍କର୍ ଦର୍ଶନ୍‌ଲାଗି ସଖାଲୁ ସଖାଲୁ ସମ୍ବଲ୍‌ପୁର୍ ସମଲେଇ ମନ୍ଦିର୍ ନ ଆଏଜ୍ ଭକ୍ତଙ୍କର୍ ଜବର୍ ଭିଡ଼୍ ଲାଗିଥିଲା । ଇଥିର୍‌ଲାଗି ପହପହର୍ ୫ ବଜେ ମା'ଙ୍କର୍ ଆଲ୍‌ତୀ କରାଯାଇଥିଲା । ୬ ବଜେ ଭକ୍ତମାନ୍‌କର୍ ଲାଗି ମନ୍ଦିରର୍ କବାଟ୍ ଖୁଲାଯାଇଥିଲା । ଶୃଙ୍ଖଲିତ୍ ଦର୍ଶନ୍ ଲାଗି ପୁଲିସ୍ ଆଉ ମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଧାଡ଼ି ଦର୍ଶନ୍ ସହେତେ ବ୍ୟାପକ୍ ବ୍ୟବସ୍ଥା କରାଯାଇଥିଲା । ନୂଆବଛର୍ ଲାଗି ଆଝିର୍ ରାତିର୍ ସାଢ଼େ ୧୦ ବଜେତକ୍ ମନ୍ଦିରର୍ ଦୁଆର୍ ଖୁଲାରହେବା ।

ନୂଆବଛର୍ ଅବ୍‌ସରେ ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ଦେବାଦେବୀ ମନ୍ଦିର୍ ମାନ୍‌କେ ଭକ୍ତଙ୍କର୍ ଭିଡ଼୍ ଲାଗିଥିଲା । ଭକ୍ତମାନେ ପାତାଲି ଶ୍ରୀକ୍ଷେତ୍ର ନ ମାହାପୁରୁଙ୍କର୍ ଦର୍ଶନ୍ କରିଛନ୍ । ଜାଗା ଜାଗା ନ ବଣଭୋଜିର ଆସର ଭିଲ୍ ଜମିଥିଲା ।

ବୌଦ୍ଧ ଜିଲ୍ଲା ନ ଭିଲ୍ ନୂଆବଛର୍ ଅବ୍‌ସରେ ଦେବାଳୟ ମାନ୍‌କେ ଶ୍ରଦ୍ଧାଳୁଙ୍କର୍ ଭିଡ଼୍ ଦେଖ୍‌ବାର୍‌କେ ମିଳିଥିଲା ।

ଧନୁଯାତ୍ରା      ଆର୍‌ଏନ୍‌ୟୁ/ ସମ୍ବଲପୁର

ବର୍‌ଗଡ଼୍ ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର୍ ୯ ନମ୍ବର୍ ଦିନେ ଗୋପପୁର ନ ଆଏଜ୍ କୃଷ୍ଣ, ବଳରାମ୍‌ଙ୍କର୍ ବିଦାୟ ଉତ୍ସବ୍ ଆଉ ଗୋପୀମାନ୍‌କର୍ ବିଳାପ, କୃଷ୍ଣ ବଳରାମ୍‌ଙ୍କୁ ଧରିକରି ଅକ୍ରୁରଙ୍କର୍ ମଥୁରା ଯାତ୍ରା ବାଗିର୍ ଦୃଶ୍ୟ ପରିବେଷିତ୍ ହେଇଥିଲା । ସେଆଡ଼େ ମଥୁରା ନଗରୀ ନ ମଥୁରା ଆମ୍ରବନ ନ ଶ୍ରୀକୃଷ୍ଣଙ୍କର୍ ଭକ୍ତିଥି ବୁଡ଼ିଥିବା ମୁନି ଋଷିଙ୍କର୍ ଉପ୍‌ରେ କଂସଙ୍କର୍ ଅତ୍ୟାଚାର୍, ରୁଦ୍ରଶୁଳ ପ୍ରାପ୍ତି, ଶିବ ତାଣ୍ଡବ ଆଉ କୃଷ୍ଣ, ବଳରାମଙ୍କର୍ ମଥୁରା ପ୍ରବେଶ୍ ଦୃଶ୍ୟ ଅଭିନୟ କରାଯାଇଥିଲା ।

ଦେବ୍‌ଗଡ଼୍- ସଚେତନତା ରଥ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ନ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ବିଭାଗ୍ ତର୍‌ଫୁ ମୋବାଇଲ୍ ସେବା ୟୁନିଟ୍ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ସଚେତନତା ରଥକେ ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ ଆଉ ଅଲ୍‌ଗା ଅଧିକାରୀମାନେ ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ସହର୍ ଇଲାକା ବୁଲିକରି ବିଭାଗ୍‌ର ସହାୟକ ପଦକ୍ଷେପ୍ ଅଧୀନ୍‌ଥି ମୁଲ୍ ହେଇଥିବା ମୋବାଇଲ୍ ସେବା ୟୁନିଟ୍ ବାବ୍‌ଦେ ସଚେତନ୍ କର୍‌ବା ।

ବୌଦ୍ଧ-ସଡ଼କ୍ ସୁରକ୍ଷା ସପ୍ତାହ       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ପରିବହନ୍ ବିଭାଗ୍ ତର୍ଫୁ ଆଏଜ୍ଠାନୁ ସଡ଼କ୍ ସୁରକ୍ଷା ସପ୍ତାହ ମୁଲ୍ କରାଯାଇଛେ । ଇ ଅବ୍ସରେ ସଡ଼କ୍ ସୁରକ୍ଷାକେ ନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ସଡ଼କ୍ ସୁରକ୍ଷା ସମିତିର ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍, ଆରକ୍ଷୀ ଅଧିକ୍ଷକ୍ ରାହୁଲ୍ ଗୋୟଲ୍ ଆଉ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ରହିକରି ଜିଲ୍ଲା ନ ବଢୁଥିବା ସଡ଼କ୍ ଦୁର୍ଘଟଣା କେନ୍ତାକରି ଆଏଜ୍ କରାଯାଇପାର୍ବା, ସେ ବାବ୍ଦେ ଆଲୋଚନା କରିଥିଲେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୩ ଦିନ୍ ତକ୍ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍ବା ଆଉ ଶୀତ୍ କମ୍ବା । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର ବଡ଼୍ଭାଗି ଜାଗା ନ କୁହୁଡ଼ି ହେବା ବଲି  ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।